ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1361/28-02-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୮ ଫେବୃଆରୀ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ବିଜ୍ଞାନ ଦିବସ ଅବସରରେ ଭାରତର ବିଶିଷ୍ଟ ବୈଜ୍ଞାନିକ ଏବଂ ନୋବେଲ୍ ପୁରସ୍କାର ବିଜେତା ସି.ଭି. ରମଣଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ସମାଜର କଲ୍ୟାଣ ନିମନ୍ତେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର ପ୍ରୋତ୍ସାହନ ନିମନ୍ତେ ପ୍ରତିବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଆମାଜୋନିଆ-୧ ଏବଂ ୧୮ଟି ଅନ୍ୟ ଉପଗ୍ରହ ନେଇ ମହାକାଶକୁ ଯାତ୍ରା କରିଥିବା ପିଏସ୍ଏଲ୍ଭିସି୫୧ର ସଫଳ ଉତ୍କ୍ଷେପଣ ପାଇଁ ଇସ୍ରୋକୁ ଅଭିନନ୍ଦନ ଜଣାଇଛନ୍ତି । ଏହି ସଫଳତା ମହାକାଶ ଗବେଷଣା କ୍ଷେତ୍ରରେ ଭାରତର ପ୍ରତିଷ୍ଠାକୁ ଅଧିକ ମଜବୁତ କରିବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ 'ଏଗ୍ରିକଲଚର ଟୁଡେ' ଦ୍ୱାରା ସମ୍ମାନଜନକ 'ଚଳିତ ବର୍ଷର ବିଶ୍ୱବିଦ୍ୟାଳୟ ପୁରସ୍କାର'ରେ ସମ୍ବର୍ଦ୍ଧିତ ହୋଇଥିବାରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟକୁ ଅଭିନନ୍ଦନ ଜଣାଇଛନ୍ତି । ଭାରତର କୃଷି ଶିକ୍ଷା କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ଅବଦାନ ଦେଇଥିବା ଏହି ଅଗ୍ରଣୀ ଅନୁଷ୍ଠାନ ଓଡ଼ିଶାକୁ ଗୌରବାନ୍ୱିତ କରିଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବ୍ରହ୍ମପୁରର ଶ୍ରଦ୍ଧାସଂଜୀବନୀ ଡେ କେୟାର ହୋମ୍ରେ ରହୁଥିବା ଏଚ୍ଆଇଭି ସଂକ୍ରମିତ ପଦ୍ମା ଓ ରବୀନ୍ଦ୍ରଙ୍କ ବିବାହ ଉତ୍ସବରେ ସାମିଲ ହୋଇ ଦୁହିଁଙ୍କୁ ଆଶୀର୍ବାଦ କରିଛନ୍ତି । ସେମାନଙ୍କ ସୁଖମୟ ଜୀବନ କାମନା କରିବା ସହ ଏପରି ବିବାହ ସମାଜ ପାଇଁ ଉଦାହରଣ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୩,୨୧,୬୪୧ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୭,୧୯୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୪, ୫୧୯ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୬ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୭୦୩ ରହିଛି ।
- ୭୦୩ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**